# NATIONAL NEWS BULLETIN (ODIA)
## 06th October - 2024
## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ହରିୟାଣା ବିଧାନସଭା ନିର୍ବାଚନରେ ପ୍ରାୟ ୬୭ ପ୍ରତିଶତ ମତଦାତାଙ୍କ ମତାଧିକାର ସାବ୍ୟସ୍ତ ।
- ପାଞ୍ଚଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିବେ ମାଳଦୀପ ରାଷ୍ଟ୍ରପତି ।
- କୋଲ୍‌କାତା ମହିଳା ଡାକ୍ତର ଦୁଷ୍କର୍ମ ଓ ହତ୍ୟାଘଟଣାରେ କନିଷ୍ଠ ଡାକ୍ତରଙ୍କ ଆମରଣ ଅନଶନ ।
- ଭାରତୀୟ ବାୟୁସେନା ପକ୍ଷରୁ ଆଜି ଚେନ୍ନାଇର ମାରିନା ବିଚ୍‌ରେ ପ୍ରଦର୍ଶନ କରାଯିବ ଏୟାର୍ ଶୋ ।

ଏବଂ

- ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଦୁବାଇଠାରେ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ହେବ ମୁକାବିଲା ।

## ହରିୟାଣା ବିଧାନସଭା

ହରିୟାଣା ବିଧାନସଭା ନିର୍ବାଚନରେ ପ୍ରାୟ ୬୭ ପ୍ରତିଶତ ମତଦାନ ହୋଇଛି । ୯୦ଟି ଆସନ ପାଇଁ ଏକକ ପର୍ଯ୍ୟାୟରେ ଗତକାଲି ଅନୁଷ୍ଠିତ ମତଗ୍ରହଣ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ସମାଜର ବିଭିନ୍ନ ବର୍ଗ ଲୋକଙ୍କ ସହ ୧୦୦ ବର୍ଷରୁ ଅଧିକ ବୟସ୍କ ଭୋଟର୍ ମଧ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ଏବଂ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଓ ଡକ୍ଟର ସୁଖବୀର ସିଂହ ସାନ୍ଧୁ ନିର୍ବାଚନ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ୮୫ ବର୍ଷରୁ ଅଧିକ ବୟସ୍କ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ହରିୟାଣା ବିଧାନସଭା ନିର୍ବାଚନରେ ପ୍ରଥମ ଥରପାଇଁ ଘରୁ ମତଦାନର ବ୍ୟବସ୍ଥା ହୋଇଥିଲା ।

# ଝାଡ଼ଖଣ୍ଡ - ବି.ଜେ.ପି. ମାନିଫେଷ୍ଟୋ

ଝାଡ଼ଖଣ୍ଡରେ ଆଗାମୀ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ବି.ଜେ.ପି. ପକ୍ଷରୁ 'ପଞ୍ଚସୂତ୍ରୀ' ନିର୍ବାଚନୀ ଇସ୍ତାହାର ଘୋଷଣା କରାଯାଇଛି । 'ପଞ୍ଚପ୍ରାଣ' ଭାବେ ନାମିତ ଏହି ସଂକ୍ଷିପ୍ତ ଇସ୍ତାହାରରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଗୋଗୋ-ଦିଦି ଯୋଜନାରେ ସାମିଲ୍ କରାଯାଇ ମାସିକ ଦୁଇ ହଜାର ଶହେ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି । ସେହିଭଳି ୫୦୦ ଟଙ୍କାରେ ସବୁ ପରିବାରକୁ ରନ୍ଧନ ଗ୍ୟାସ୍, ଦୁଇଟି ପର୍ବ ଅବସରରେ ଦୁଇଟି ମାଗଣା ସିଲିଣ୍ଡର ଯୋଗାଣ, ବେକାରୀ ସ୍ନାତକ ଏବଂ ସ୍ନାତକୋତ୍ତର ଯୁବବର୍ଗଙ୍କୁ ଦୁଇ ବର୍ଷପାଇଁ ମାସିକ ଦୁଇ ହଜାର ଟଙ୍କା ପ୍ରଦାନ କରାଯିବ । ୫ ବର୍ଷ ମଧ୍ୟରେ ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଖାଲି ପଡ଼ିଥିବା ୨ ଲକ୍ଷ ୮୭ ହଜାରେ ସରକାରୀ ପଦବୀକୁ ପୂରଣ କରିବାପାଇଁ ପଦକ୍ଷେପ ନିଆଯିବ ବୋଲି ଏହି ଇସ୍ତାହାରରେ ଘୋଷଣା କରାଯାଇଛି । ଏହି ଇସ୍ତାହାର ଉନ୍ମୋଚନ ସମାରୋହରେ ଦଳୀୟ ନିର୍ବାଚନ ପ୍ରଭାରୀ ଶିବରାଜ ସିଂହ ଚୌହାନ ଏବଂ ସହ-ପ୍ରଭାରୀ ହିମନ୍ତ ବିଶ୍ୱଶର୍ମାଙ୍କ ଉପସ୍ଥିତିରେ ରାଜ୍ୟଶାଖା ସଭାପତି ବାବୁଲାଲ୍ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

# ମାଲଦୀପ - ପ୍ରେସିଡେଣ୍ଟ

ମାଲଦୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁ ପାଞ୍ଚଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିବେ । ଏହି ଗସ୍ତ ଅବସରରେ ଡକ୍ଟର ମୋଇଜ୍ଜୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ତଥା ଦୁଇଦେଶର ସ୍ୱାର୍ଥଜଡ଼ିତ ଅନ୍ତର୍ଜାତୀୟ ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବେଙ୍ଗାଲୁରୁ ଏବଂ ମୁମ୍ବାଇଠାରେ କେତେକ ବ୍ୟାବସାୟିକ କାର୍ଯ୍ୟକ୍ରମରେ ଡକ୍ଟର ମୋଇଜ୍ଜୁ ଅଂଶଗ୍ରହଣ କରିବେ ।

ଭାରତ ମହାସାଗର ଅଞ୍ଚଳରେ ମାଲଦୀପ ହେଉଛି ଏକ ପ୍ରମୁଖ ସାମୁଦ୍ରିକ ପଡ଼ୋଶୀ ରାଷ୍ଟ୍ର । 'ପଡ଼ୋଶୀ ପ୍ରଥମେ' ନୀତି ଏବଂ ପ୍ରଧାନମନ୍ତ୍ରୀଙ୍କ ସାଗର ଦୃଷ୍ଟିକୋଣରୁ ମାଲଦୀପ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅକ୍ତିଆର କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କର ଇତିମଧ୍ୟରେ ମାଲଦୀପ ଗସ୍ତ ପରେ ରାଷ୍ଟ୍ରପତି ଡକ୍ଟର ମୋଇଜ୍ଜୁଙ୍କ ଭାରତ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କର ଦୃଢ଼ତାକୁ ଦର୍ଶାଉଛି । ଡକ୍ଟର ମୋଇଜ୍ଜୁଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ନୂତନ ମାର୍ଗ ଉନ୍ମୁକ୍ତ ହେବାର ଆଶା କରାଯାଉଛି । ସୂଚନାଯୋଗ୍ୟ, ଡକ୍ଟର ମୋଇଜ୍ଜୁ ଗତ ଜୁନ୍ ମାସରେ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶପଥଗ୍ରହଣ ସମାରୋହରେ ଯୋଗ ଦେଇଥିଲେ ।

# ଡବ୍ଲ୍ୟୁ.ବି. – ଡକ୍ଟର ହଙ୍ଗର ଷ୍ଟ୍ରାଇକ୍

କୋଲ୍‌କାତା ଆଜି.ଜି. କର ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ମହିଳା କନିଷ୍ଠ ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣା ବିରୋଧରେ ୬ ଜଣ କନିଷ୍ଠ ଡାକ୍ତର ଅନିର୍ଦ୍ଦିଷ୍ଟ କାଳପାଇଁ ଆମରଣ ଅନଶନ କରିଛନ୍ତି । ଚିକିତ୍ସା ସେବା ସହ ଆମରଣ ଅନଶନ ଜାରି ରହିବ ବୋଲି ସେମାନେ ଗତ ସନ୍ଧ୍ୟାରେ ଘୋଷଣ କରିଛନ୍ତି । ଦଶ ଦଫା ଦାବି ଉପରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି ବୋଲି ଅଭିଯୋଗ କରି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସଂଘ ସୂଚନା ଦେଇଛି । ସଂଘ କହିଛି, ସମାନ୍ତରାଳ ବିକ୍ଷୋଭର କାର୍ଯ୍ୟପନ୍ଥା ହେଉଛି ଆମରଣ ଅନଶନରେ ବସିଥିବା ୬ ଜଣ ଡାକ୍ତରଙ୍କୁ ଛାଡ଼ି ଅନ୍ୟମାନେ ରୋଗୀସେବାରେ ସହଯୋଗ ପ୍ରଦାନ କରିବେ । ଅନଶନର ସ୍ୱଚ୍ଛତା ପାଇଁ ସେଠାରେ ସି.ସି.ଟି.ଭି. ଲଗାଯାଇଛି ବୋଲି ସଂଘ କହିଛି । ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଗିରଫ ହୋଇଥିବା ମୁସ୍ତାକିନ୍ ସର୍ଦ୍ଦାରଙ୍କୁ ୭ ଦିନପାଇଁ ପୁଲିସ୍ ହେପାଜତ୍‌କୁ ପଠାଇ ଦିଆଯାଇଛି । ବାରୁଇପୁର କୋର୍ଟ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି ।

## ପ୍ରହଲ୍ଲାଦ - ଜର୍ମାନୀ ଭିଜିଟ

କେନ୍ଦ୍ର ପୁନଃ ନବୀକରଣ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଆଜିଠାରୁ ଜର୍ମାନୀକୁ ୩ ଦିନିଆ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ମନ୍ତ୍ରୀ ଦୁଇ ଦିନିଆ ହାମ୍ବର୍ଗ ନିରନ୍ତର ବିକାଶ ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଶ୍ରୀ ଯୋଶୀ' ଜର୍ମାନୀ, ବ୍ରିଟେନ୍‌ର ମନ୍ତ୍ରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ନିରନ୍ତର ବିକାଶ, ସବୁଜ ହାଇଡ୍ରୋଜେନ୍, ପୁନଃ ନବୀକରଣ ଶକ୍ତି ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ମନ୍ତ୍ରୀ ଶ୍ରୀ ଯୋଶୀଙ୍କ ଏହି ଗସ୍ତ ଭାରତ ଓ ଜର୍ମାନ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ବ୍ୟାବସାୟିକ ସୁଯୋଗ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି ।

## ଆଇ.ଏ.ଏଫ୍. - ଏୟାର ଶୋ

ଭାରତୀୟ ବାୟୁସେନା ପକ୍ଷରୁ ଆଜି ଚେନ୍ନାଇର ମାରିନା ବିଚ୍‌ରେ ଏୟାର୍ ଶୋ ପ୍ରଦର୍ଶନ କରାଯିବ । ବାୟୁସେନାର ୯୨ତମ ପ୍ରତିଷ୍ଠା ଦିବସ

ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ୭୨ଟି ବିମାନ ଅଂଶଗ୍ରହଣ କରିବ । ଏୟାର୍ ଶୋ'ରେ ୧୫ ଲକ୍ଷ ଦର୍ଶକଙ୍କୁ ଏକତ୍ରିତ କରାଯାଇ ଲିମ୍କା ବୁକ୍ ଅଫ୍ ରେକର୍ଡ଼ସ୍‌ରେ ସ୍ଥାନିତ ହେବାକୁ ଲକ୍ଷ୍ୟ ରଖାଯାଇଛି । ତେଜସ୍, ମିରାଜ୍, ସୁଖୋଇ-୩୦ ଏମ୍.କେ.ଆଇ., ଜାଗୁଆର ଏବଂ ପୋଜେଇଡନ୍ ଯୁଦ୍ଧବିମାନ ଓ ପ୍ରଚଣ୍ଡ ହେଲିକପ୍ଟର ଏହି ଶୋ'ରେ ଅଂଶଗ୍ରହଣ କରିବେ । ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଏହି ଶୋ' ଅନୁଷ୍ଠିତ ହେବ । ଏହି ଶୋ'ର ବିଷୟବସ୍ତୁ ରହିଛି - "ସକ୍ଷମ୍, ସଶକ୍ତ, ଆତ୍ମନିର୍ଭର" । ୨୧ ବର୍ଷ ପରେ ଦେଶର ଦ୍ୱିତୀୟ ଦୀର୍ଘତମ ବେଳାଭୂମିରେ ଏହି ଶୋ'ର ଆୟୋଜନ କରାଯାଇଛି । ପାରାଚ୍ୟୁଟ୍ ମାଧ୍ୟମରେ ବିମାନରୁ ତଳକୁ ଓହ୍ଲାଇବାର କଳାକୌଶଳରେ ସୂର୍ଯ୍ୟକିରଣ ଏରୋବାଟିକ ଦଳ ଏବଂ ସାରଙ୍ଗ ହେଲିକପ୍ଟର ଦଳ ଅଂଶଗ୍ରହଣ କରିବେ । ତାମ୍ବ୍ରମ୍ ଠାରେ ଥିବା ବାୟୁସେନା ଘାଟିରେ ୮ ତାରିଖ ଦିନ ମୁଖ୍ୟ ଉତ୍ସବ ପାଳନ କରାଯିବ ।

## ଡି.ଆର୍.ଡି.ଓ.

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ - ଡି.ଆର୍.ଡି.ଓ. ପକ୍ଷରୁ ଗତକାଲି ଚତୁର୍ଥ ପର୍ଯ୍ୟାୟର ଅତି କ୍ଷୁଦ୍ର ରେଞ୍ଜ ଏୟାର୍ ଡିଫେନ୍ସ ସିଷ୍ଟମ୍

କ୍ଷେପଣାସ୍ତ୍ରର ତିନୋଟି ସଫଳ ଉଡ଼ାଣ ପରୀକ୍ଷଣ କରାଯାଇଛି । ରାଜସ୍ଥାନର ପୋଖରାନ୍ ଉତ୍କ୍ଷେପଣ ରେଞ୍ଜରୁ ଏହି ପରୀକ୍ଷା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷଣରେ ସର୍ବାଧିକ ରେଞ୍ଜ୍ ଏବଂ ସବୁଠାରୁ ଅଧିକ ଉଚ୍ଚତା ଅବରୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡକୁ ପ୍ରଦର୍ଶନ କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏୟାର୍ ଡିଫେନ୍ସ ସିଷ୍ଟମ୍‌ର ସଫଳ ପରୀକ୍ଷଣ, ବିଭିନ୍ନ କ୍ଷେତ୍ରରେ ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିପାରିବ । ଏହାକୁ ସମ୍ପୂର୍ଣ୍ଣ ସ୍ୱଦେଶୀ ଭାବରେ ବିକଶିତ କରାଯାଇଛି । ତିନି ସେନା ଏହି ପ୍ରକଳ୍ପ ସହିତ ଜଡ଼ିତ ରହିବା ସହ ବିକାଶମୂଳକ ପରୀକ୍ଷଣରେ ଅଂଶଗ୍ରହଣ କରିଥିଲେ ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସଫଳତା ପାଇଁ ଡି.ଆର୍.ଡି.ଓ.ର ବୈଜ୍ଞାନିକ, ସେନା ବାହିନୀ ଏବଂ କାର୍ଯ୍ୟରତ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଯନ୍ତ୍ରାଂଶରେ ନିର୍ମିତ ଏହି କ୍ଷେପଣାସ୍ତ୍ର ସେନାବାହିନୀକୁ ଅଧିକ କ୍ରିୟାଶୀଳ କରିବ । ପ୍ରତିରକ୍ଷା ଗବେଷଣା ଓ ବିକାଶ ବିକାଶର ସଚିବ ତଥା ଡି.ଆର୍.ଡି.ଓ.ର ଅଧକ୍ଷ ଡକ୍ଟର ସମୀର ଭି. କାମତ୍ ଏହି ସଫଳତା ପାଇଁ ଡି.ଆର୍.ଡି.ଓ. ଟିମ୍, ଶିଳ୍ପ ସହଯୋଗୀ ଏବଂ ଅନ୍ୟ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# କୋବିନ୍ଦ - ଏକକ ନିର୍ବାଚନ

ଦେଶରେ ଏକକାଳୀନ ନିର୍ବାଚନଦ୍ୱାରା ବହୁ ଉପକାର ମିଳିବ ବୋଲି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି । ବିକଶିତ ଭାରତ ଗଠନ ଦିଗରେ ଏହା ବିଶେଷ ସହାୟକ ହୋଇପାରିବ । ନୂଆଦିଲ୍ଲୀରେ ଅନୁଷ୍ଠିତ ୩୦ତମ ଲାଲବାହାଦୁର ଶାସ୍ତ୍ରୀ ସ୍ମାରକୀ ବକ୍ତୃତା ପ୍ରଦାନ କରି ଶ୍ରୀ କୋବିନ୍ଦ ଏହା କହିଛନ୍ତି । ଏକକାଳୀନ ନିର୍ବାଚନଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି, ଉନ୍ନତ ଶାସନ, ନୀତି ସ୍ଥିରତା, ସାମାଜିକ ସଂହତି ଏବଂ ବିଶ୍ୱସ୍ତରୀୟ ଆହ୍ୱାନକୁ ମୁକାବିଲା କରିବାରେ ଦୀର୍ଘମିଆଦୀ ସୁଫଳ ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଅଧିକ ସମାବେଶୀ ଏବଂ ସମୃଦ୍ଧ ଭବିଷ୍ୟତ ପାଇଁ ଏଭଳି ମୌଳିକ ସଂସ୍କାରର ଆବଶ୍ୟକତା ଉପରେ ଶ୍ରୀ କୋବିନ୍ଦ ଗୁରୁତ୍ୱ ପ୍ରଦାନ କରିଥିବଲେ । ସୂଚନାଯୋଗ୍ୟ, ପୂର୍ବତନ ରାଷ୍ଟ୍ରପତି ଶ୍ରୀ କୋବିନ୍ଦଙ୍କ ଅଧ୍ୟକ୍ଷତାରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ଗଠିତ ହୋଇଥିଲା ।

# ଲେବାନନ୍ ଆଟାକ୍

ଏମିରେଟ୍ସ୍ ଏୟାରଲାଇନ୍ସ ଦୁବାଇରୁ କିମ୍ବା ଦୁବାଇ ଦେଇ ଯାତ୍ରା କରୁଥିବା ସମସ୍ତ ଯାତ୍ରୀଙ୍କ ପାଇଁ ପେଜର୍ ଏବଂ ୱାକିଟକି ବ୍ୟବହାର ଉପର

ପ୍ରତିବନ୍ଧକ ଲଗାଇଛି । ଲେବାନନ୍‌ରେ ଘଟୁଥିବା ବିସ୍ଫୋରଣ ଘଟଣାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ଏୟାରଲାଇନ୍‌ସ କହିଛି, ପ୍ରତ୍ୟେକ ଯାତ୍ରୀଙ୍କର ସମସ୍ତ ଆସବାବ ପତ୍ର ଯାଞ୍ଚ୍ କରାଯିବ । ଗତମାସରେ ହିଜ୍‌ବୁଲ୍ଲା ସଦସ୍ୟଙ୍କଦ୍ୱାରା ବ୍ୟବହୃତ ପେଜର୍, ଓ୍ୱାକିଟକି ଆଦି ବିସ୍ଫୋରଣ ହେବା ପରେ ଏ ସଂକ୍ରାନ୍ତ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏୟାର୍ ଲାଇନ୍‌ସ ଏହି ନିଷ୍ପତ୍ତି ନେଇଛି। ଇରାକ୍ ଏବଂ ଇରାନ୍‌କୁ ବିମାନ ଚଳାଚଳ ମଙ୍ଗଳବାର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଜୋର୍ଡ଼ାନ୍‌କୁ ବିମାନସେବା ପୁଣି ଆଜିଠାରୁ ଆରମ୍ଭ ହେବାକୁ ଯାଉଛି ବୋଲି ଏୟାରଲାଇନ୍‌ସ ସୂଚନା ଦେଇଛି ।

## ସେରିବ୍ରାଲ୍ - ଆଟାକ୍

ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ଆଜି ପାଳନ କରାଯାଉଛି । ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଏହାକୁ ମୁକାବିଲା କରିବା ଦିଗରେ ଏକ ସମାବେଶୀ ସମାଜ ଗଠନ କରିବା ଏହି ଦିବସ ପାଳନର ଲକ୍ଷ୍ୟ । ଚଳିତ ବର୍ଷର ବିଷୟବସ୍ତୁ ରହିଛି "ୟୁନିକ୍ଲି ସି.ପି.' । ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ସେମାନଙ୍କର ପରିଚୟ ଏବଂ ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ଆଇ.ସି.ସି. - ୱିମେନ୍ ଟି-୨୦

ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଦୁବାଇଠାରେ ଆଜି ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ମ୍ୟାଚ୍‌ର ଅବ୍ୟବହିତ ପୂର୍ବରୁ ଗଣମାଧ୍ୟମକୁ ସୂଚନା ଦେଇ ଭାରତୀୟ ଦଳର ସହକାରୀ କୋଚ୍ ଅଭିସାର ସାଲ୍‌ଭି କହିଛନ୍ତି, ଭାରତୀୟ ଦଳ ପ୍ରତିଯୋଗିତାକୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ପୂର୍ଣ୍ଣ ପ୍ରୟାସ କରିବ । ସୂଚନାଯୋଗ୍ୟ, ହର୍‌ମନ ପ୍ରୀତ୍ କୌରଙ୍କ ଅଧିନାୟକତ୍ୱରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳ ଗତ ଶୁକ୍ରବାର ଦିନ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି । ଅନ୍ୟପକ୍ଷରେ ଶ୍ରୀଲଙ୍କା ବିରୋଧରେ ପାକିସ୍ତାନ ତା'ର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲା ।

*****